To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.127, ଭଦ୍ରକ,ମଙ୍ଗଳବାର, ୭, ନଭେମ୍ବର ୨୦୧୭ ■ Bhadrak, Tuesday, 7 November 2017 Rs. 2.00 Pages-8

## ଜିଏସ୍‌ଟି = ଗ୍ରେଟ୍ ସେଲ୍‌ଫିସ୍ ଟ୍ୟାକ୍ସ



# ପୋକ ପାଇଁ ପ୍ୟାକେଜ୍

ଭୁବନେଶ୍ୱର,୬।୧୧ (ସକାଳ ଖବର): ମରୁଡ଼ିରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର ଯେଉଁ ପ୍ୟାକେଜ ଘୋଷଣା କରିଛନ୍ତି ସେହି ପ୍ୟାକେଜ ଚକଡ଼ା ପୋକ ଦ୍ୱାରା ଫସଲ ନଷ୍ଟ ହୋଇ କ୍ଷତିର ସମ୍ମୁଖୀନ ହୋଇଥିବା ଚାଷୀ ମାନଙ୍କୁ ଯୋଗାଇ ଦିଆଯିବ । ଏପରିକି ଜମିରେ ନିଆଁ ଲଗାଇଥିବା ଚାଷୀମାନଙ୍କୁ ମଧ ସେହି ସୁବିଧା ଯୋଗାଇ ଦେବା ଲାଗି ରାଜ୍ୟ କୃଷି କ୍ୟାବିନେଟ ବୈଠକରେ ନିଷ୍ପତି ନିଆଯାଇଛି ।

ଆଜି ସଚିବାଳୟଠାରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଏହି ବୈଠକରେ ନିଆଯାଇଥିବା ପ୍ୟାକେଜ ସମ୍ପର୍କରେ ଉଭୟ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ କୃଷି ମନ୍ତ୍ରୀ ଡା. ଦାମୋଦର ରାଉତ ସୂଚନା ଦେଇଥିଲେ । ସେମାନେ କହିଥିଲେ ଯେ, ପୋକ ଲାଗି ଯେଉଁ ଫସଲ ନଷ୍ଟ ହୋଇଛି ତାର କ୍ଷତିପୂରଣ ଜଳସେଚିତ ଅଂଚଳରେ ହେକ୍ଟର ପିଛା ୧୩ ହଜାର ୫୦୦ ଏବଂ ଅଣ ଜଳସେଚିତ ଅଂଚଳରେ ହେକ୍ଟର ପିଛା ୬ ହଜାର ୮୦୦ ଟଙ୍କା ଦିଆଯିବ । ଏହା ବ୍ୟତୀତ ଏକ ଲକ୍ଷ ବିହନ ମିନି କିଟ, ୫୦ ହଜାର ପରିବା ମିନି କିଟ ଯୋଗାଇ ଦିଆଯିବ । ସେହିପରି ଜୀବିକା ନିର୍ବାହ ପାଇଁ ୫୦ ହଜାର (ଭୂମିହୀନ, ନାମମାତ୍ର ଏବଂ



କ୍ଷୁଦ୍ର ଚାଷୀ) ପରିବାରକୁ କୁକୁଡ଼ା ଚିଆଁ ଯୋଗାଇ ଦିଆଯିବ । ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କର ସ୍ୱଳ୍ପ ମିଆଦି ଋଣକୁ ଦୀର୍ଘ ମିଆଦି ଋଣରେ ପରିଣତ କରାଯିବ । ଖରିଫରେ ପ୍ରଭାବିତ ହୋଇଥିବା ଚାଷୀ ମାନଙ୍କୁ ରବି ଋତୁ ପାଇଁ ପୂର୍ଣ୍ଣ ଋଣ ଯୋଗାଇ ଦିଆଯିବ । ଖରିଫ ଋଣ ଶୁଝନ୍ତୁ ବା ନ ଶୁଝନ୍ତୁ ଏହି ଋଣ ଯୋଗାଇ ଦିଆଯିବା ପାଇଁ ସ୍ଥିର ହୋଇଛି । ଇନପୁଟ ସବସିଡ଼ ପରିମାଣକୁ ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଏବାବଦରେ ୧୨୪ କୋଟି ଟଙ୍କା ବ୍ୟୟ କରାଯିବ ।

ସେହିପରି ମରୁଡି ସହାୟତା ବାବଦରେ ୨୧୬ କୋଟି ଟଙ୍କା ଜିଲ୍ଲାପାଳ ମାନଙ୍କୁ ଦିଆଯାଇଛି । ୫୦ ପ୍ରତିଶତ ସବସିଡ଼ରେ ୧୦ ହଜାର ସିଂଚନ ଯନ୍ତ୍ର ଯୋଗାଇ ଦିଆଯିବ । ଏହି ସବସିଡ଼ି ୩ ହଜାର ଟଙ୍କାରୁ ବେଶି ହେବ ନାହିଁ । ଗୋ ଖାଦ୍ୟ ପ୍ରସ୍ତୁତି ପାଇଁ କ୍ଷତିଗ୍ରସ୍ତ ପଂଚାୟତ ମାନଙ୍କରେ ଗୋ ଖାଦ୍ୟ ଦ୍ରବ୍ୟ ଚାଷ କରାଯିବ । ଏହା ବ୍ୟତୀତ ୫ ହଜାର ପମ୍ପସେଟ ଚାଷୀ ମାନଙ୍କୁ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ ।

ମନ୍ତ୍ରୀ ଶ୍ରୀ ମହାନ୍ତି କହିଥିଲେ ଯେ, ମହାଜନୀ ମାନଙ୍କଠାରୁ କ୍ଷତିଗ୍ରସ୍ତ ଚାଷୀମାନେ ଯେପରି ହାତ ଉଦ୍ଧାରି ନ କରନ୍ତି ସେଥିପ୍ରତି କଡ଼ା ନଜର ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ମହାଜନୀ ମାନେ ଚାଷୀମାନଙ୍କୁ ଫୁସୁଲାଇ ଋଣ ଦେବାକୁ ଚେଷ୍ଟା କଲେ ସେମାନଙ୍କ ବିରୁଦ୍ଧରେ ସି.ଆର.ପି.ସି ଧାରାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୁହାଯାଇଛି । ପୋଲିସ ଡିଆଇଜିଙ୍କୁ ମଧ ଏହା ଉପରେ ନିୟମିତ ରିଭ୍ୟୁ କରିବା ପାଇଁ କୁହାଯାଇଛି । କ୍ଷତିଗ୍ରସ୍ତ ଅଂଚଳରେ ଅଚଳାବସ୍ଥାରେ ଥିବା ଉଠା **(ପୃଷ୍ଠା-୭)**

## କୃଷି କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

- ସ୍ୱଳ୍ପ ମିଆଦି ଋଣକୁ ଦୀର୍ଘ ମିଆଦି ଋଣରେ ପରିଣତ କରାଯିବ
- ରବି ଋତୁ ପାଇଁ ପୂର୍ଣ୍ଣ ଋଣ ଯୋଗାଇ ଦିଆଯିବ
- ମରୁଡି ସହାୟତାକୁ ୨୧୬ କୋଟି ଟଙ୍କା
- ଇନପୁଟ ସବସିଡ଼ ପରିମାଣକୁ ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି
- ମହାଜନୀଙ୍କ ଉପରେ କଡ଼ା ନଜର ରଖାଯିବ

# 'ପାରାଡାଇଜ୍'ରେ ୭୧୪ ଭାରତୀୟଙ୍କ କଳାଟଙ୍କାର ସାମ୍ରାଜ୍ୟ




ନୂଆଦିଲ୍ଲୀ, ୬।୧୧ : ପାନାମା ପେପର୍‌ର ବର୍ଷକ ପରେ, ଆପ୍ଲବି' ନାମକ ଏକ ଦରିଆପାରି ଲ' ଫାର୍ମ୍‌ରୁ ନିଆଯାଇଥିବା ନୂଆ ଡାଟା ସେଟ୍ ଭାରତୀୟଙ୍କ ସମେତ ଅନ୍ୟ ବ୍ୟକ୍ତି ବିଶେଷଙ୍କର ଗୁପ୍ତଧନର ସନ୍ଧାନ ଦେବା ସହ କର୍ପୋରେସନ୍, ହେଜ୍ ଫଣ୍ଡ୍ ଏବଂ ଅନ୍ୟମାନେ କେମିତି ଟିକସ ଫାଙ୍କିଛନ୍ତି ତାହା ଧରା ପକାଇ ପାରେ । ପାରାଡାଇଜ୍ ପେପର୍‌ସ୍ ବୋଲି କୁହାଯାଉଥିବା ୧୮୦ଟି ଦେଶର ଡାଟାରେ ସଂଖ୍ୟା ଏବଂ ନାମରେ ଭାରତର ସ୍ଥାନ ରହିଛି ୧୯ରେ । ସେଥିରେ ସମୁଦାୟ ୭୧୪ ଜଣ ଭାରତୀୟଙ୍କ ନାଁ ରହିଛି । ଅନ୍ୟୁନ ଭିନ୍ନ ଭିନ୍ନ ୧୧୮ଟି ଦରିଆପାରି ଦେଶର ନାଆଁ ଥିବା ଆପ୍ଲବିର ବିଶ୍ୱରେ ଦ୍ୱିତୀୟ ବୃହତ୍ତମ କ୍ଲାଏଣ୍ଟ୍ ହେଉଛି ଭାରତ । ତାଲିକାରେ ବଲିଉଡ୍ ଷ୍ଟାର୍ ଅମିତାଭ ବଚ୍ଚନ, ସଞ୍ଜୟ ଦତ୍ତଙ୍କ ପତ୍ନୀ ମାନ୍ୟାତା, କେନ୍ଦ୍ରମନ୍ତ୍ରୀ ଜୟନ୍ତ ସିହ୍ନା ଏବଂ କୋର୍ପୋରେଟ୍ ଲବିୟିଷ୍ଟ୍ ନିରା ରାଡିଆଙ୍କ ନାଁ ରହିଥିବା କଥା କୁହା ଯାଉଛି । ଆପ୍ଲବି ରେକର୍ଡ ଅନୁସାରେ, ଜୁନ୍ ୧୯, ୨୦୦୨ରେ ବଚ୍ଚନ, ସିଲିକନ୍ ଭେଲିର ନବୀନ ଚା ଜଲ୍‌ୱା ମିଡିଆ ଲିମିଟେଡ୍‌ର ସେୟାର୍‌ହୋଲ୍‌ଡର୍ ଥିଲେ । ସେ କମ୍ପାନି ୨୦୦୦ ମସିହା ଜୁଲାଇ ୨୦ ତାରିଖରେ ବରମୁଡ଼ା **(ପୃଷ୍ଠା-୭)**

### ପ୍ରଭାତ ତ୍ରିପାଠୀଙ୍କ ଜାମିନ୍ ମାମଲା

## ହାଇକୋର୍ଟଙ୍କ ରାୟ ସୁପ୍ରିମ୍‌କୋର୍ଟରେ କାଏମ୍

ଭୁବନେଶ୍ୱର, ୬।୧୧ (ସକାଳ ଖବର):-ଚିଟ୍ ଫଣ୍ଡ ଲିଙ୍କ୍ ମାମଲାରେ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ଓଡ଼ିଶା ହାଇକୋର୍ଟ ଦେଇଥିବା ଜାମିନ୍ ରାୟକୁ ସୁପ୍ରିମ କୋର୍ଟ କାଏମ ରଖିଛନ୍ତି । ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଜାମିନ୍ ପ୍ରଦାନ କଲେ ସେ ତଦନ୍ତ ପ୍ରକିୟାକୁ ପ୍ରଭାବିତ କର ପାରନ୍ତି ବୋଲି ଦର୍ଶାଇ ସିବିଆଇ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମ କୋର୍ଟର ବିଚାରପତି ଜଷ୍ଟିସ ଏ .କେ ସିକ୍ରି ଓ ଜଷ୍ଟିସ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଘଟଣାରେ ସିବିଆଇ ଅଧିକ କିଛି ତଦନ୍ତ କରିଛି କି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ତଦନ୍ତ ନେଇ ଆଉ ସିବିଆଇ କିଛି ଅଗ୍ରଗିତି କରି ନ ଥିବାରୁ ସୁପ୍ରିମ କୋର୍ଟଙ୍କ ଖଣ୍ଡପୀଠ ସିବିଆଇର ଯୁକ୍ତିକୁ ଗ୍ରହଣ କରି ନ ଥିଲେ ଓ ଶ୍ରୀ ତ୍ରିପାଠୀଙ୍କ ଜାମିନ ନେଇ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ସୂଚନାଯୋଗ୍ୟ ଯେ ଅର୍ଥତତ୍ତ୍ୱ ଚିଟଫଣ୍ଡ ସଂସ୍ଥା ସହ ଲିଙ୍କ୍ ଥିବା ଅଭିଯୋଗରେ ବାଙ୍କୀ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ସିବିଆଇ ଗିରଫ କରିଥିଲା। ପରେ ସେ ହାଇକୋର୍ଟରୁ ଜାମିନ୍ ପାଇଥିଲେ ।

# ଫେବୃଆରୀ ୨୩ରୁ ମାଟ୍ରିକ୍ ପରୀକ୍ଷା

## ମରୁଡ଼ି ପ୍ରଭାବିତ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଫି ଛାଡ୍




ଭୁବନେଶ୍ୱର, ୬।୧୧ (ସକାଳ ଖବର): ଆସନ୍ତା ଫେବୃଆରୀ ୨୩ ତାରିଖ ଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ଏକସଙ୍ଗେ ମାଟ୍ରିକ୍ ପରୀକ୍ଷା , ସଂସ୍କୃତ ମଧ୍ୟମା ପରୀକ୍ଷା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଅନୁଷ୍ଠିତ ହେବ। ମାଟ୍ରିକ୍ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫେବୃଆରୀ ୨୩ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖରେ ଶେଷ ହେବ ଏବଂ ସଂସ୍କୃତ ମଧ୍ୟମା ପରୀକ୍ଷା ମାର୍ଚ୍ଚ ୭ ତାରିଖରେ ଶେଷ ହେବ । ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ଓଡିଆ , ଫେବୃଆରୀ ୨୬ ତାରିଖରେ ଇଂରାଜୀ , ୨୮ ତାରିଖରେ ହିନ୍ଦୀ/ସଂସ୍କୃତ , ମାର୍ଚ୍ଚ ୩ ତାରିଖରେ ଗଣିତ , ମାର୍ଚ୍ଚ ୬ ତାରିଖରେ ବିଜ୍ଞାନ ଓ ମାର୍ଚ୍ଚ ୮ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ ବୋଲି କଟକ ବୋର୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜାହାନାରା ବେଗମ୍ ସୂଚନା ଦେଇଛନ୍ତି । ପ୍ରତ୍ୟକ ବିଷୟରେ ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀମାନେ ଅଧିକ ୧୫ ମିନିଟ୍ ପାଇବେ। ଗଣିତ ପରୀକ୍ଷା ସକାଳ ୯ଟାରୁ ୧୧.୪୫ ପର୍ଯ୍ୟନ୍ତ ହେବ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ନିହାର ରଂଜନ ମହାନ୍ତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଧନ୍ଦାମୂଳକ ଶିକ୍ଷା ପାଇଁ ପ୍ରାକ୍ଟିକାଲ ପରୀକ୍ଷା ଫେବୃଆରୀ ୧୨ ତାରିଖରୁ ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ ପ୍ରତିବର୍ଷ ରାଜ୍ୟରେ ପ୍ରାୟ ୨୯୦୦ ପରୀକ୍ଷା କେନ୍ଦ୍ର କରାଯାଏ । ମାତ୍ର ଚଳିତ ବର୍ଷ ୩ଟି ପରୀକ୍ଷା ଏକସଙ୍ଗେ କରାଯାଉଥିବାରୁ ଆଉ ୧୦୦ ଟି ଅଧିକ କେନ୍ଦ୍ର କରାଯିବାକୁ ବିଚାର କରାଯାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ ସୋମବାର ଦିନ ବୋର୍ଡ କାର୍ଯ୍ୟାଳୟ ଠାରେ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ମାଟ୍ରିକ୍ ପରୀକ୍ଷା ପାଇଁ ନଭେମ୍ବର ୧ ତାରିଖରୁ ଫର୍ମ ଫିଲପ୍ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଛାତ୍ରଛାତ୍ରୀ ମାନେ ନଭେମ୍ବର ୨୧ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ପରୀକ୍ଷା ଫିସ୍ ଦାଖଲ କରିପାରିବେ । ତେବେ ମରୁଡି ପ୍ରଭାବିତ ୧୫ ଟି ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଫି ଛାଡ୍ କରାଯାଇଛି । ଏହା ବ୍ୟତୀତ ଚଳିତ ବର୍ଷ ଠାରୁ ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ପରିବର୍ତ୍ତନ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ କହିଥିଲେ । ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ଠାରୁ ନିଜ ସ୍କୁଲରେ ପରୀକ୍ଷା ଦେବେନାହିଁ । ସେମାନଙ୍କ ପାଇଁ ସ୍କୁଲ ଠାରୁ ୫ କିମି ଦୂରତା ମଧ୍ୟରେ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

### ଟ୍ରମ୍ପଙ୍କ ଚେତାବନୀ

# ଉତ୍ତରକୋରିଆକୁ ଭାରିମୂଲ୍ୟ ଦେବାକୁ ପଡ଼ିବ



ୱାଶିଂଟନ, ୬।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଦିନ ଉତ୍ତର କୋରିଆକୁ ଚେତାବନୀ ଦେଇ କହିଥିଲେ ଯେ ରଣନୀତି ଧୈର୍ଯ୍ୟ ଦେଖାଇବାର ସମୟ ଏବେ ଶେଷ ହୋଇଛି । ଉତ୍ତର କୋରିଆ ଉପରେ ଲଗାମ ଲଗାଇବା ପାଇଁ ସମସ୍ତ ବିକଳ୍ପକୁ ଜାପାନର ସମର୍ଥନ ମିଳିବା ପରେ ଆମେରିକା ଏହି ବୟାନ ଜାରି କରିଛି । ଟ୍ରମ୍ପ ଏସିଆ ଗସ୍ତର ଦ୍ୱିତୀୟ ଦିନରେ ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବିଶ୍ୱପାଇଁ ଏକ ଗମ୍ଭୀର ସମସ୍ୟା ବୋଲି ବୟାନ ଦେଇଛନ୍ତି । ଟ୍ରମ୍ପ ଏହା ପୂର୍ବରୁ ମଧ ଉତ୍ତର କୋରିଆର ପରମାଣୁ ମହତ୍ୱାକାଂକ୍ଷା ପାଇଁ ତାକୁ ଏହାର ଭାରି ମୂଲ୍ୟ ଦେବାକୁ ପଡ଼ିବ ବୋଲି କହିଥିଲେ । ଟ୍ରମ୍ପ ଆଜି ଜାପାନର ପ୍ରଧାନମନ୍ତ୍ରୀ ଶିଂଜୋ ଆବେଙ୍କ ଉପସ୍ଥିତିରେ କହିଛନ୍ତି ଯେ ଏବେ ରଣନୀତିକ ଧୈର୍ଯ୍ୟ ଦେଖାଇବାର ସମୟ ଶେଷ ହୋଇଛି । ଆମେରିକା ସହଯୋଗୀ ଆବେ ମଧ ଟ୍ରମ୍ପଙ୍କ ବୟାନରେ ସହମତି ପ୍ରକାଶ କରିଛନ୍ତି । ଜାପାନ କହିଛି ଯେ ଉତ୍ତର କୋରିଆ ସହିତ ଲଢ଼ିବା ପାଇଁ ସ୍ଥଳ ସେନା ଠାରୁ ଆରମ୍ଭ କରି ଅନେକ ବିକଳ୍ପ ରହିଛି । ଉତ୍ତର କୋରିଆର ମିଶାଇଲ ଫାୟରିଙ୍ଗ ଲାଇନରେ ଅବସ୍ଥିତ ଜାପାନ ପ୍ରଧାନମନ୍ତ୍ରୀ ଆବେ ୩୩ କୋରିଆ ସମୁଦାୟ ଓ ଲୋକଙ୍କ ସମ୍ପତ୍ତିକୁ ଜାପାନ ଦ୍ୱାରା ପ୍ରତିବନ୍ଧ ଲଗାଯିବା ପାଇଁ ଘୋଷଣା କରିଛନ୍ତି । ଏକୁଟିଆ ହେଇଯାଇଥିବା ଉତ୍ତର କୋରିଆକୁ ୟୁଏନ ମଧ ଅନେକ ପ୍ରତିବନ୍ଧ ଲଗାଇଛି ।



ନେବାର ଭଲ ଉପାୟ ହେଉଛି ଦେବା ।



ହୁଣ୍ଡିର ଆୟ (୬.୧୧.୧୭)
୨,୬୪,୫୩୩

## ବୃନ୍ଦା ସାହୁଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଛନ୍ତି ବିଜେପି କର୍ମୀ : ଶ୍ରମମନ୍ତ୍ରୀ

### ଅଭିଯୋଗ ଓ ଭିଡିଓ ସମ୍ପୂର୍ଣ୍ଣ ନିରାଧାର : ବିଜେପି
### ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ : ପ୍ରସାଦ

ଭୁବନେଶ୍ୱର, ୬।୧୧ (ସକାଳ ଖବର): ଶ୍ରମ ମନ୍ତ୍ରୀ ତଥା ଭଟଲୀର ବିଧାୟକ ସୁଶାନ୍ତ ସାହୁ ଚାଂଚଲ୍ୟକର ଅଭିଯୋଗ ଆଣିଛନ୍ତି । ଶ୍ରୀ ସିଂହ କହିଛନ୍ତି ଯେ ବୃନ୍ଦା ସାହୁଙ୍କୁ ଆତ୍ମହତ୍ୟା କରିବା ପାଇଁ ବିଜେପି କର୍ମୀ ମାନେ ଉସୁକାଇଛନ୍ତି । ଏ ସମ୍ପର୍କିତ ଭିଡିଓ ତାଙ୍କ ନିକଟରେ ରହିଛି ଓ ଶୀଘ୍ର ସେ ଭିଡିଓକୁ ନେଇ ପୋଲିସ ନିକଟକୁ ଯିବେ ବୋଲି କହିଛନ୍ତି । ସେ ବୃନ୍ଦା ସାହୁଙ୍କୁ ଆତ୍ମହତ୍ୟା କରିବା ପାଇଁ ଉସୁକାଥିବା ସମ୍ପର୍କିତ ଭିଡିଓକୁ ପୋଲିସରେ ଦେବା ସହ ଆବଶ୍ୟକ ହେଲେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ସିଂହଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ ମନ୍ତ୍ରୀ ଆଣିଥିବା ଅଭିଯୋଗ ଓ ଭିଡିଓ ସମ୍ପୂର୍ଣ୍ଣ ନିରାଧାର। ବୃନ୍ଦା ସାହୁ ଆତ୍ମହତ୍ୟା ଘଟଣା ପଛରେ ବିଜେପିର କର୍ମକର୍ତା ସମ୍ପୃକ୍ତ ବୋଲି ପ୍ରମାଣ ଦେବାକୁ ସେ ମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଭାଇରାଲ ହୋଇଥିବା ଭିଡିଓ ପ୍ରସ୍ତୁତିରେ ବିଜେଡିର ହାତ ଅଛି । ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ଏଡାଇବା ପାଇଁ ଦୋଷ ଲଦି ବିଜେଡି ଖସି ଯିବାକୁ ଚେଷ୍ଟା କରୁଛି ବୋଲି ଶ୍ରୀ ପୁରୋହିତ ପାଲଟା ଅଭିଯୋଗ କରିଛନ୍ତି ।

ସେହିପରି ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ସରକାର ତାଙ୍କ ହାତରେ । ସେ ଚାହିଁଲେ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ । ଗଣମାଧ୍ୟମରେ କହିବାର କିଛି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି ।

# କୃଷିମନ୍ତ୍ରୀଙ୍କ ଘରେ ଧସେଇ ପଶିଲେ ବିକ୍ଷୋଭକାରୀ

### କ୍ୟାପିଟାଲ ଥାନାର ଏସ୍ଆଇ ସସପେଣ୍ଡ

ଭୁବନେଶ୍ୱର, ୬।୧୧ (ସକାଳ ଖବର):- ରାଜ୍ୟରେ ଘଟୁଥିବା ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ପଦକ୍ଷେପ ନେବା ଦାବିରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନର କର୍ମକର୍ତାମାନେ କୃଷିମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ଘର ଭିତରକୁ ଧସେଇ ପଶିଛନ୍ତି। ମନ୍ତ୍ରୀଙ୍କ ସରକାରୀ ବାସଭବନରେ ମୁତୟନ ଥିବା ସୁରକ୍ଷା କର୍ମୀ ବିକ୍ଷୋଭକାରୀ ମାନଙ୍କୁ ଅଟକାଇଥିଲେ ମଧ୍ୟ ସେମାନେ ବାସଭବନର ମୁଖ୍ୟ ଗେଟ୍ ଖୋଲି ପଶିବାକୁ ସମର୍ଥ ହୋଇଥିଲେ । ତେବେ ଭିତର ଗ୍ରୀଲ ବନ୍ଦ କରି ସୁରକ୍ଷା କର୍ମୀ ମାନେ ଜଗି ରହିଥିବା ବେଳେ ବିକ୍ଷୋଭକାରୀ ମାନେ ସିଡି ଉପରେ ବସି ନାରାବାଜି କରିଥିଲେ । ଏହି ଘଟଣାରେ ପୋଲିସ ୫ ଜଣ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଥିଲା। ପରେ ପୋଲିସ୍ ବିକ୍ଷୋଭକାରୀମାନଙ୍କୁ ଗିରଫ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହି



ଘଟଣାରେ କ୍ୟାପିଟାଲ ଥାନାର ଏସଆଇଙ୍କୁ ସସପେଣ୍ଡ କରାଯାଇଛି । ସୂଚନା ଅନୁଯାୟୀ ସୋମବାର ଦିନ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଘଟଣା ନେଇ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟରେ ଚାଷୀ ଆତ୍ମହତ୍ୟା ରୋକିବା, ରିଲିଫ କୋର୍ଡ ସଂଶୋଧନ ଓ ଭାଗ ଚାଷୀ ଆଇନ୍ ତୁରନ୍ତ ଲାଗୁ ସହ ଦାମୋଦର ରାଉତଙ୍କ ବହିଷ୍କାର ଓ ଗିରଫ ଦାବି କରିଛି ସଂଗଠନ। ରାଜ୍ୟରେ ପ୍ରତିଦିନ ଚାଷୀ ଆତ୍ମହତ୍ୟା ଲାଗି ରହିଥିବା ବେଳେ ଏ ନେଇ କୃଷିମନ୍ତ୍ରୀ ଡା. ରାଉତ ପଦକ୍ଷେପ ନେବା ଦାବି କରି ସଙ୍ଗଠନର କର୍ମକତାମାନେ ମନ୍ତ୍ରୀଙ୍କ ବାସଭବନ ପରିସରକୁ ଧସେଇ ପଶିଥିଲେ ।

### କୁନ୍ଧୁଲି ଗଣଦୁଷ୍କର୍ମ ମାମଲା

## ପୀଡ଼ିତାଙ୍କ ପରିବାରଲୋକଙ୍କ କାଉନସିଲିଂ

କୋରପୁଟ,୬।୧୧ (ସକାଳ ଖବର): କୁନ୍ଧୁଲି ଗଣଦୁଷ୍କର୍ମକୁ ଅନେକ ଦିନ ବିତି ଯାଇଥିଲେ ମଧ ବର୍ତ୍ତମାନ ଯାଏଁ ପୋଲିସର ହାତ ଖାଲି ରହିଛି । ତେବେ ଏହି ଖୁଲାସା ପାଇଁ ପୀଡିତାଙ୍କ ମାନସିକ ସ୍ଥିତିର ଅନୁଧ୍ୟାନ କରିବାକୁ ଦୁଇଜଣ ମନସ୍ତତ୍ତ୍ୱବିତ ବିଶେଷଜ୍ଞ ଡଃ ନମିତା ମହାନ୍ତି ଓ ମଧୁମିତା ଦାସ କୋରାପୁଟରେ ପହଂଚି କାଉନସିଲିଂ ଆରମ୍ଭ କରିଛନ୍ତି । ଗତକାଲି ପୀଡିତାଙ୍କର ପ୍ରଥମ ପର୍ଯ୍ୟାୟ କାଉନସିଲିଂ ଶେଷ ହୋଇଥିବାବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟ କାଉନସେଲିଂ କରାଯାଇଛି । ପୀଡ଼ିତାଙ୍କ ଖୁଡ଼ି ଏବଂ ତାଙ୍କ ଦାଦା ପୁଅ ଭାଇଙ୍କର କାଉନ୍‌ସିଲିଂ କରିଛନ୍ତି ମନସ୍ତତ୍ତ୍ୱବିତ୍‌ମାନେ । ଦୀର୍ଘ ୩ ଘଣ୍ଟା ଧରି ଏହି କାଉନ୍‌ସିଲିଂ ଚାଲିଥିଲା । ତେବେ, ପୀଡ଼ିତାଙ୍କ ମାଆ ଏବଂ ତାଙ୍କ ନିଜ ଭାଇଙ୍କର ମଧ କାଉନସିଲିଂ କରାଯିବାର ଥିବା ବେଳେ ସେମାନେ ପୀଡ଼ିତାଙ୍କୁ ଭେଟିବାକୁ କୋରାପୁଟ ଯାଇଥିବା ସୂଚନା ମିଳିଛି । ଗତକାଲି ପ୍ରଥମ ପର୍ଯ୍ୟାୟ କାଉନସିଲିଂରେ ମାନସିକ ସ୍ତରରେ ପୀଡିତା ସୁସ୍ଥ ରହିଥିବାବେଳେ ଶାରୀରିକ କ୍ଷେତ୍ରରେ ଦୁର୍ବଳ ରହିଥିବା ଦୁଇ ମନସ୍ତତ୍ତ୍ୱବିତ୍ ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**